# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 23rd April - 2026

**************************************

***Desk***

# କ୍ୟାବିନେଟ୍ ବୈଠକ

ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଣଚାଳିଶତମ କ୍ୟାବିନେଟ୍ ବୈଠକରେ ୮ଟି ବିଭାଗର ୮ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ସାରା ରାଜ୍ୟରେ ପାଇପ୍ ଯୋଗେ ପ୍ରାକୃତିକ ଗ୍ୟାସ୍ ଓ ସି.ଏନ୍.ଜି. ଯୋଗାଣ ଭିତ୍ତିଭୂମି ସୁଦୃଢ଼ କରିବାପାଇଁ ଓଡ଼ିଶା ସିଟି ଗ୍ୟାସ୍ ବିତରଣ ନୀତିକୁ ମଞ୍ଜୁରି ମିଳିଛି । ବୈଠକରେ ବଲାଙ୍ଗିରରେ ଅତ୍ୟାଧୁନିକ ସୂତାକଳ, କଟକ କାଠଯୋଡ଼ିରେ ନୂଆ ସେତୁ, ବହୁତଳ କୋଠା ପଞ୍ଜୀକରଣ କ୍ଷେତ୍ରରେ ସଂସ୍କାର ଭଳି ପ୍ରସ୍ତାବକୁ ଅନୁମୋଦନ ମିଳିଛି ।

***Voice (Anu Garg)*** :...........

***Desk***

# ବିଧାନସଭା ନିର୍ବାଚନ

ତାମିଲନାଡ୍ରେ ଏକକ ପର୍ଯ୍ୟାୟ ଏବଂ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଛି ।

ତାମିଲନାଡୁରେ ୨୩୪ଟି ବିଧାନସଭା ଆସନ ପାଇଁ ୪ ହଜାର ୨୩ ଜଣ ଏବଂ ପଶ୍ଚିମବଙ୍ଗ ବିଧାନସଭାର ୧୫୨ଟି ଆସନପାଇଁ ୧ ହଜାର ୪୭୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି।

***Desk***

## ତୈଳବୀଜ କ୍ରୟ

କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ମଧ୍ୟରେ ଅନୁଷ୍ଠିତ ଆଭାସୀ ବୈଠକରେ ୨୦୨୫-୨୬ ରବିଋତୁପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଯୋଜନା ଅଧୀନରେ ଡାଲି ଓ ତୈଳବୀଜ କ୍ରୟକୁ ଅନୁମୋଦନ ମିଳିଛି । ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ମୁଗ, ବିରି ସହ ସୂର୍ଯ୍ୟମୂଖୀ, ଚିନାବାଦାନ ଓ ସୋରିଷକୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଫଳରେ ରାଜ୍ୟର ଚାଷୀମାନେ ଏକ ହଜାର ୪୨୮ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସହାୟତା ପାଇବେ।

***Desk***

## ଗ୍ରୀଷ୍ମପ୍ରବାହ - ଜନଗଣନା

ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଲୋକସେବା ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ

୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଜନଗଣନା କାର୍ଯ୍ୟ ବନ୍ଦ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

***Desk***

# ଆମେରିକା କନ୍‌ସୁଲ୍

ଆମେରିକାର କନ୍‌ସୁଲ୍ ଜେନେରାଲ୍ ସୁଶ୍ରୀ ଲୌରା ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ଅକ୍ଷୟ ଶକ୍ତି, ସେମିକଣ୍ଡକ୍ଟର ନିର୍ମାଣ ଓ ରାଜ୍ୟର ପର୍ଯ୍ୟଟନ ବିକାଶ ଉପରେ ଆଲୋଚନା କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ’ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବାକୁ ବ୍ୟାଟେରୀ ଷ୍ଟୋରେଜ୍‌କୁ ସୌର ପ୍ରକଳ୍ପ ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଉଭୟ ଉପକୂଳ ଅଞ୍ଚଳର ଖଣିଜ ସମ୍ପଦ, ଶିଳ୍ପ ଓ ପୁଞ୍ଜିନିବେଶ ବୃଦ୍ଧି ଏବଂ ଷ୍ଟାର୍ଟଅପ୍ ଉପରେ ଆଲୋଚନା କରିଥିବା ଜଣାପଡ଼ିଛି ।

***Desk***

# ନିଯୁକ୍ତି ପତ୍ର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୭ଟି ବିଭାଗର ୪ ହଜାର ୬୨୩ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବେ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଏହି ନିଯୁକ୍ତି ମେଳା ଅନୁଷ୍ଠିତ ହେବ ।

***Desk***

# ବୃତ୍ତିଗତ ଟିକସ ଆଇନ

ରାଜ୍ୟ ସରକାର ୨୦୦୦ ମସିହାର ବୃତ୍ତିଗତ ଟିକସ ବା ପ୍ରଫେସନାଲ୍ ଟ୍ୟାକ୍ସ ଆଇନକୁ ରଦ୍ଦ କରିଛନ୍ତି । ଏନେଇ ଜାରି ଅଧ୍ୟାଦେଶ ଏପ୍ରିଲ୍ ପହିଲାରୁ ଲାଗୁ ହେବ । ଓଡ଼ିଶାରେ ବୃତ୍ତି, ଚାକିରି କିମ୍ବା ବ୍ୟବସାୟ ଉପରେ ବର୍ତ୍ତମାନ ରାଜ୍ୟ ସରକାରଙ୍କୁ ବୃତ୍ତିଗତ ଟିକସ ଦେବାକୁ ପଡ଼ିବ ନାହିଁ ବୋଲି ଅର୍ଥ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

***Sonepur/R***

# ହାଇଟେକ୍ ସର୍ଭେ

ସୁବର୍ଣ୍ଣପୁର ଜିଲ୍ଲାରେ ହାଇଟେକ୍ ସର୍ଭେର ଚୂଡ଼ାନ୍ତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମର ପ୍ରଥମ ଦିନରେ ୬ଟି ତହସିଲ୍‌ରେ ୧୬୦ରୁ ଅଧିକ ପଟ୍ଟା ବଣ୍ଟନ କରାଯାଇଛି । ଜିଲ୍ଲାର ୯ ଶହ ଅଣାନବେଟି ଗ୍ରାମ ମଧ୍ୟରୁ ୬୦୮ଟି ଗ୍ରାମରେ ସର୍ଭେ ଶେଷ ହୋଇଛି ।

***Nuapada/R***

# ସଡ଼କ ସୁରକ୍ଷା ବୈଠକ

ନୂଆପଡ଼ା ଜିଲ୍ଲା ସଡ଼କ ସୁରକ୍ଷା କମିଟିର ମାସିକ ବୈଠକରେ ଟ୍ରାଫିକ୍ ବ୍ୟବସ୍ଥାରେ ସଂସ୍କାର ଓ ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅସମ୍ପୂର୍ଣ୍ଣ ରାସ୍ତାକାର୍ଯ୍ୟ ଶୀଘ୍ର ଶେଷ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ।

***Malkangiri/R***

# ପୋଷଣ ପକ୍ଷ

ମାଲକାନଗିରିରେ ପୋଷଣ ପକ୍ଷ ପାଳିତ ହୋଇଛି । ମା' ଓ ଶିଶୁଙ୍କପାଇଁ ସୁଷମ ଖାଦ୍ୟାଭ୍ୟାସ ଓ ପୋଷଣ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି । କିଶୋରୀ ଓ ମହିଳାଙ୍କ ସ୍ୱାସ୍ଥ୍ୟ ସଚେତନତାପାଇଁ ବିଶିଷ୍ଟ ପର୍ବତାରୋହୀ ଓ ସମାଜସେବୀ ସମିରା ଖାଁ' କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ଓ ସୁରକ୍ଷା ବିଷୟରେ ସଚେତନ କରାଇଛନ୍ତି ।

*Sonepur/R*

# ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ

ସୁବର୍ଣ୍ଣପୁରରେ ଅନୁଷ୍ଠିତ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଓ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଛି । ଆଲୋଚନାଚକ୍ରରେ ଜିଲ୍ଲାପାଳଙ୍କ ସମେତ ପରିବେଶବିତ୍, ଗବେଷକ ଓ ଛାତ୍ରଛାତ୍ରୀମାନେ ଜଳସମ୍ପଦ ସଂରକ୍ଷଣ ଓ ନବୀକରଣୀୟ ଶକ୍ତି ବ୍ୟବହାର ଉପରେ ଆଲୋଚନା କରିଥିଲେ ।

*Desk, Bhadrak/R*

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମଲହରୀ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ୨୫ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିଲା। ଝାରସୁଗୁଡ଼ାଠାରେ ସର୍ବୋଚ୍ଚ ତାପମାତ୍ରା ୪୪ ଦଶମିକ ୬ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ କରାଯାଇଥିଲା । ଆସନ୍ତା ରବିବାରଠାରୁ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି । ଗ୍ରୀଷ୍ମଲହରୀକୁ ଦୃଷ୍ଟିରେ ରଖି ରାଜ୍ୟର କେତେକ ଜିଲ୍ଲାରେ ସ୍କୁଲ୍ ଛୁଟି ଅବଧି ବୃଦ୍ଧି କରାଯାଇଛି ।

*Ganjam, Sambalpur/R*

# ସି.ଏମ୍. କପ୍

ବ୍ରହ୍ମପୁରରେ ସି.ଏମ୍. କପ୍-୨୦୨୬ର ଦ୍ୱିତୀୟ ସଂସ୍କରଣ ଉଦ୍‌ଯାପିତ ହୋଇଛି । ମହାତ୍ମାଗାନ୍ଧି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପ୍ରତିଯୋଗିତାରେ ଫୁଟ୍‌ବଲ୍, କବାଡ଼ି, ଭଲିବଲ୍ ଓ ଖୋ-ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଚାଲିଥିବା ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ୍ ଫୁଟ୍‌ବଲ ପ୍ରତିଯୋଗିତାରେ ଗତକାଲି ହୀରାକୁଦ ଆଥ୍‌ଲେଟିକ୍ ଆସୋସିଏସନ ଓ ବ୍ଲୁ ଡାଇମଣ୍ଡ କ୍ଲବ୍ ବିଜୟୀ ହୋଇଛନ୍ତି ।

*****